**ସହର ରାସ୍ତା ଆବର୍ଜନାପୂର୍ଣ୍ଣ**

ବରପାଲି,(ଡି.ଏନ.ଏ): ବରପାଲି ସହର ରାସ୍ତାରେ ଏବେ ଅଳିଆ ଆବର୍ଜନା ପଡିରହୁଛି । ଏହାକୁ ଉଠାଯାଉ ନ ଥିବାରୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି । ସହରର ଗୁଡିଆପଡା, କୁଲିପଡା ରାସ୍ତା, ଗାର୍ଲ୍ସ ହାଇସ୍କୁଲ, ବଜାରପଡା, ରାମଜୀ ମନ୍ଦିର, ଗଣେଶ ମନ୍ଦିର ଛକ ରାସ୍ତାରେ ଏଭଳି ସମସ୍ୟା ଦେଖାଦେଇଛି । ଆବର୍ଜନା ଭରା କୃତିମ ପାହାଡ ଯୋଗୁ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। କିଛି ଦିନ ତଳେ ଏନଏସି ପକ୍ଷରୁ ବିଭିନ୍ନ ୱାର୍ଡ ବୁଲି ରାସ୍ତାରେ ଆବର୍ଜନା ନ ପକାଇବା ପାଇଁ ସଚେତନ କରାଯାଇଥିଲା। ତଥାପି ଏହାକୁ କେହି ମାନୁ ନାହାନ୍ତି। ରାସ୍ତାରେ ଅଳିଆ ଗଦା ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହି ସ୍ଥାନଗୁଡିକୁ ଆବର୍ଜନା ମୁକ୍ତ ରଖିବାକୁ ସହରବାସୀ ଦାବି କରିଛନ୍ତି ।



## ସଂକ୍ଷେପରେ

### ସଇଁତଲାରେ ନିଧିରଥର ଶୁଭାରମ୍ଭ

ସଇଁତଲା, ୨୦।୧(ଡି.ଏନ.ଏ.): ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ନିଧି ରଥର ଶୁଭାରମ୍ଭ କରାଯାଇଛି। ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଧି ରଥର ଶୁଭାରମ୍ଭ କରିଥିଲେ। ବିଡ଼ିଓ ଦେବାଶିଷ ସାମଲ, ମୁଖ୍ୟ ଚିକିତ୍ସାଧିକାରୀ ସମରେନ୍ଦ୍ର ମହାପାତ୍ର, ଜିପିଇଓ ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଶା ଦାଉରୁ ରକ୍ଷା ପାଇବାକୁ ମଶାରି ବ୍ୟବହାର କରିବାକୁ ଏହି ରଥ ଗ୍ରାମ ଗ୍ରାମ ବୁଲି ପ୍ରଚାର କରିବ । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧, ୨୩, ୨୫ ଓ ୨୮ ଚାରିଦିନ ବ୍ଲକର ବିଭିନ୍ନ ଅଞ୍ଚଳରେ ମଶାରି ବଣ୍ଟନ କରାଯିବ । କାର୍ଯ୍ୟକ୍ରମରେ ସରପଞ୍ଚ କପିଳ ଭୋଇ, ମନୋଜ କଠାର, ପୁଷ୍ପାଞ୍ଜଳି ବାଗ, ସିନ୍ଧୁ ମାଝୀ, ଜେମାମଣି ମଲ୍ଲିକ, ସୁମୁଖୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କୋଶଳ ରାଜ୍ୟ ସମନ୍ୱୟ ସମିତିର ବୈଠକ

ବେଲପଡା, ୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଗିରିଗୋବର୍ଦ୍ଧନ ମନ୍ଦିର ପ୍ରାଙ୍ଗଣରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ଏକ ବୈଠକ ବ୍ଲକ ସଭାପତି ଜନାର୍ଦ୍ଦନ ସିଂଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦିବଂଗତ କୋଶଳ ଯୁବନେତା ଆଲୋକ ବାଗ ଓ ଶ୍ରମିକ ନେତା ଲଳିତ ନାଏକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଗତ ୨୬ନଂ ଜୋନ ଜିଲା ପରିଷଦ ଉପନିର୍ବାଚନରେ କୋଶଳ ପ୍ରାର୍ଥୀ ଗୁଣନିଧି ବର୍ଗେଙ୍କୁ ୧୫୪୦ଭୋଟ ଦେଇଥିବାରୁ ଭୋଟରମାନଙ୍କୁ କୋଶଳ କମିଟି ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । କୋଶଳ କମିଟିକୁ ମଜଭୁତ କରିବା ସହ ଗାଁମାନଙ୍କରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ଜନସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଥିଲା।

### ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ: କପସିପାଲି ବିଜୟୀ

ଖପ୍ରାଖୋଲ, ୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ୩୩ତମ ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ହରିଶଙ୍କର ବନପାଳ ପ୍ରିୟବ୍ରତ ମହାକୁଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ଉମାକାନ୍ତ ପଧାନ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ୍ କପସିପାଲି ଏବଂ ବେନକେରା ମଧ୍ୟରେ ହୋଇଥିଲା। କପସିପାଲି ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୭୪ରନ୍ କରିଥିଲା। ଏହାର ଜବାବରେ ବେନକେରା ଦଳ ନିର୍ଦ୍ଧାରିତ ଓଭରରେ ୭୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଫଳରେ କପସିପାଲି ବିଜୟୀ ହୋଇଥିଲା।

### ବାହାରିଲା ସଡ଼କ ସୁରକ୍ଷା ସଚେତନତା ରାଲି

ଲୋଇସିଂହା, ୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହାଠାରେ ଆରଟିଓ, ପୋଲିସ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ସଡକ ସୁରକ୍ଷା ମାସ ବୁଧବାର ପାଳିତ ହୋଇଯାଇଛି। ଥାନାଠାରୁ ସ୍ଥାନୀୟ ବିଦ୍ୟୁତ୍ ସେକ୍ସନ ଅଫିସ ପର୍ଯ୍ୟନ୍ତ ଏକ ସଚେତନତା ରାଲି କରାଯାଇଥିଲା । ୨୬ ନଂ. ଜାତୀୟ ରାଜପଥରେ ଯାତ୍ରୀମାନଙ୍କୁ ସଡକ ସୁରକ୍ଷା ଉପରେ ଆଇଆଇସି ଲଳିତା ଲାକ୍ରା, ଆରଟିଓ, ଅବକାରୀ ଅଧିକାରୀ, କର୍ମଚାରୀ ସଚେତନ କରାଇଥିଲେ । ହେଲ୍‌ମେଟ ବ୍ୟବହାରର ଫାଇଦା ଉପରେ ଜନସଚେତନ କରିଥିଲେ । ହେଲ୍‌ମେଟ ପରିଧାନ କରି ଯାତ୍ରା କରୁଥିବା ବ୍ୟକ୍ତିଙ୍କୁ ଗୋଲାପ ଫୁଲଦେଇ ଶୁଭେଚ୍ଛା ଜଣାଇଥିଲେ । ବିନା ହେଲ୍‌ମେଟରେ ଯାଉଥିବା ବାଇକ ଆରୋହୀଙ୍କୁ ତାଗିଦ୍ ସହ ଜରିମାନ କରାଯାଇଥିଲା ।

### ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

ପାଇକମାଳ,୨୦।୧ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମର ଚାଷୀ ଦିବ୍ୟ କୁମାର ସାହୁ (୫୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଛି। ମାଣ୍ଡୋସିଲ ଧାନ ମଣ୍ଡିରେ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଚାଷୀ ମହମ୍ମଦ ହନିଫ୍, ରାଧା ମୋହନ ପୁରୋହିତ, ଚନ୍ଦ୍ରଶେଖର ମାଝୀ, ରୋହିତ କୁମାର ଦଣ୍ଡସେନା, ରାମକୃଷ୍ଣ ସାହୁ, ଲବାଙ୍ଗ ରଣା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ଟାର୍ଗେଟ୍ ଅପେକ୍ଷାରେ ଚାଷୀ

ଲାଠୋର, ୨୦।୧(ଡି.ଏନ.ଏ)



ମଣ୍ଡିରେ ଗଦା ହୋଇ ରହିଥିବ ଧାନବସ୍ତା।

- ମଣ୍ଡିରେ ପଡି ରହିଛି ଧାନ
- ଏପଟେ ଟୋକନ ଅବଧି ସରିବାକୁ ବସିଲା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଧାନମଣ୍ଡିରୁ ଚାଷୀଙ୍କ ଧାନ ଉଠି ପାରୁନାହିଁ। ୮ ହଜାରରୁ ଉର୍ଦ୍ଧ୍ୱ ଧାନବସ୍ତା ଖୋଲା ଆକାଶ ତଳେ ପଡି ରହିଛି। ନୂଆ ଟାର୍ଗେଟ ଆସି ନ ଥିବାରୁ ଏହି ସମସ୍ୟା ଦେଖାଦେଇଛି। ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ପାଇଁ ଚାଷୀମାନେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅପରପକ୍ଷରେ ଚାଷୀମାନେ ପାଇଥିବା ଟୋକନ ଅବଧି ସରିବାକୁ ବସିଲାଣି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି।

ଲାଠୋର ସେବା ସମବାୟ ସମିତି ପକ୍ଷରୁ ଏକ ମଣ୍ଡି ୨୦୨୦ ନଭେମ୍ବର ୧୮ତାରିଖରୁ ଖୋଲିଛି। ଏହି ମଣ୍ଡିରେ ଲାଠୋର, କରୁଆଝର, ଟଙ୍କପାଣି, ମାଲପଡା, ବେନ୍ଦେର ପଞ୍ଚାୟତର ୭୪୯ ଚାଷୀ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କଠାରୁ ମୋଟ ୬୦ହଜାର କୁଇଣ୍ଟାଲ ଧାନ କିଣିବା ଟାର୍ଗେଟ ରହିଛି। ପ୍ରଥମ ପର୍ଯ୍ୟାୟରେ ୩୩ ହଜାର ୫ ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେହି ଅନୁଯାୟୀ ୪୬୨ଜଣ ଚାଷୀଙ୍କଠାରୁ ଧାନ କିଣା ସରିଛି। ଏହା ପରଠାରୁ ଆଉ ଟାର୍ଗେଟ ଆସୁ ନାହିଁ। ବର୍ତ୍ତମାନ ଚାଷୀଙ୍କ ପାଖରେ ହଜାରହଜାର କୁଇଣ୍ଟାଲ ଧାନ ମହଜୁଦ ରହିଛି। ଚାଷୀ ଟୋକନ ଧରି ଚାହିଁ ବସିଥିଲେ ମଧ୍ୟ ଟାର୍ଗେଟ ଆସୁନାହିଁ। ଅନୁ୍ୟନ ୬୦ ଚାଷୀଙ୍କ ଟୋକନ ଅବଧି ଏବେ ସରିବାକୁ ବସିଲାଣି। ଲାଠୋର ସେବା ସମବାୟ ସମିତି ପକ୍ଷରୁ କୁହାଯାଇଛି ଯେ, ଜିଲା ଯୋଗାଣ ଅଧିକାରୀଙ୍କୁ ଟାର୍ଗେଟ ପାଇଁ କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି କୋଣସି ଟାର୍ଗେଟ ଆସି ନାହିଁ। ଏ ନେଇ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝୀଙ୍କୁ ପଚାରିବାରୁ କହିଛନ୍ତି ଯେ, ସରକାର ଟାର୍ଗେଟ ଦେଇଛନ୍ତି। ଦୁଇରୁ ତିନି ଦିନ ମଧ୍ୟରେ ଲାଠୋର ମଣ୍ଡିକୁ ଦୁଇରୁ ତିନି ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ପ୍ରଦାନ କରିବୁ ବୋଲି କହିଛନ୍ତି।

# ୩୧ ସୁଦ୍ଧା ଧାନ ଉଠାଅ: କଂଗ୍ରେସ

ପଦ୍ମପୁର, ୨୦।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡିରହିଛି। ଫଳରେ ଚାଷୀମାନେ ନାନା ଅସୁବିଧା ଭୋଗୁଛନ୍ତି । ଏହାର ପ୍ରତିବାଦରେ ବୁଧବାର କଂଗ୍ରେସ ପକ୍ଷରୁ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ଦାବିପତ୍ର ଦିଆଯାଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ମଣ୍ଡିରୁ ଧାନ ଉଠାଇବା ପାଇଁ ଦଳ ଦାବି କରିଛି। ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ଧାନ ବିକ୍ରି ନ ହେଲେ କଂଗ୍ରେସ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ପୂର୍ବାହ୍ନରେ ଶତାଧିକ ଚାଷୀ ପଦ୍ମପୁର ଭେଡ଼ିଁଆ ଛକରୁ ଏକ ଶୋଭାଯାତ୍ରାରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ପଦ୍ମପୁର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସୁଶ୍ରୀ ଦିପ୍ତିମୟୀ ଭୁଏ ଦାବିପତ୍ର ଗ୍ରହଣ କରିଥିଲେ। ବରଗଡ ଜିଲା କଂଗ୍ରେସ ସଭାପତି ନିହାର ମହାନନ୍ଦ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପଦ୍ମପୁର ବ୍ଲକ କଂଗ୍ରେସ ସଭାପତି ଚମ୍ପକେଶ୍ୱର ପୁରୋହିତ, ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ଜଗଦୀଶ କୁମାର ସାହୁ, ପାଇକମାଳ କଂଗ୍ରେସ ସଭାପତି ବିନୋଦ ବିହାରୀ ବିଶ୍ୱାଳ, ପଦ୍ମପୁର ଏନଏସି ସଭାପତି ଦିଲୀପ କୁମାର ଦାନୀ, ଆଇନଜୀବୀ ଗୌତିଆ କୁମାର ସାହୁ ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ।



ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି ।

# ୪୦ ଶିକ୍ଷକଙ୍କୁ ବହିଷ୍କାର ନିର୍ଦ୍ଦେଶ

ବୌଦ୍ଧ,୨୦।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଓଟିଇଟି ସାର୍ଟିଫିକେଟ ଜାଲିଆତି ହୋଇଥିବା ଘଟଣାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୪୦ଜଣ ଶିକ୍ଷକଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାର ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଶିକ୍ଷକଙ୍କ ଶିକ୍ଷକତା ମାନଦଣ୍ଡ ନିର୍ଦ୍ଧାରଣ ପାଇଁ ଗତ ୨୦୧୧ରେ ଓ.ଟି.ଇଟି (ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା)କୁ ବାଧ୍ୟତାମୂଳକଭାବେ ଲାଗୁ କରିଥିଲେ । ଯଦ୍ୱାରା ସି.ଟି ଓ ବି.ଇ.ଡି ଶିକ୍ଷକମାନଙ୍କ ପାଇଁ ମଧ୍ୟ ଓ.ଟି.ଇଟି ପରୀକ୍ଷା ପାଶ୍ ନିୟମକୁ କଡାକଡି ଭାବେ ଲାଗୁ କରାଗଲା । ଗୁଣାତ୍ମକ ଶିକ୍ଷାରେ ବିକାଶ ଘଟିବା ଏହାର ମୂଳ ଲକ୍ଷ୍ୟ ଥିଲା । ଏସବୁ ସତ୍ତ୍ୱେ ବୌଦ୍ଧ ଜିଲାରେ ଗଣ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର, ସତ୍ୟପାଠ ଯାଞ୍ଚ ବେଳେ ଜିଲାର ୪୦ ଜଣ ଶିକ୍ଷକଙ୍କ ଓଟିଇଟି ସାର୍ଟିଫିକେଟ ଜାଲିଆତି ଥିବା ଘଟଣା ପଦାକୁ ଆସିଥିଲା । ଏ ନେଇ ଡିପିସି କାର୍ଯ୍ୟାଳୟ ବୌଦ୍ଧ ପକ୍ଷରୁ ଗତ ନଭେମ୍ବର ମାସରେ ସଂପୃକ୍ତ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲ । ଏଥିସହିତ ୩୦ଦିନ ଭିତରେ ଓଟିଇଟି ସାର୍ଟିଫିକେଟର ଅସଲି ପ୍ରମାଣପତ୍ର ନ ଦେଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା । ଇତିମଧ୍ୟରେ ୩୦ଦିନ ବିତିଯାଇଥିବା ବେଳେ ଏହି ଘଟଣାରେ ଏବେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୪୦ଜଣ ଗଣଶିକ୍ଷକଙ୍କୁ ଓଟିଇଟି ସାର୍ଟିଫିକେଟ ଜାଲିଆତି ମାମଲାରେ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଜୟ କିଶାନ ଆନ୍ଦୋଳନର ବାଇକ୍ ରାଲି

ଜାମଟିକ୍ରା, ୨୦।୧ (ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ କୃଷି ବିଲ୍‌କୁ ବିରୋଧ କରି ବରଗଡ ଜିଲା ଜୟ କିଶାନ ଆନ୍ଦୋଳନର ସଦସ୍ୟମାନେ ଅତାବିରା ବ୍ଲକରେ ବୁଧବାର ବାଇକ୍ ରାଲି କରିଛନ୍ତି। ଅତାବିରା ବ୍ଲକ କୁଲୁଣ୍ଡା ସମଲେଶ୍ୱରୀ କୃଷକ କ୍ଳବକୁ ଆନ୍ଦୋଳନର ସଦସ୍ୟ ଲିଙ୍ଗରାଜ, ହରବର୍ଣିଆଁ, ରମେଶ ମହାପାତ୍ର, ଲକ୍ଷ୍ମଣ ସୁନା, କିଶୋର ସାହୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। କୃଷକ କ୍ଲବ ସଭାପତି ସୁବାଷ ପଧାନ, ସମ୍ପାଦକ ଭଞ୍ଜ ପଧାନ ଉପସ୍ଥିତ ଥିଲେ। ଆସନ୍ତା ୨୩ରେ କୃଷକ ସଙ୍ଗୀନ ପକ୍ଷରୁ କଳା ଦିବସ ପାଳନ କରାଯିବ ।

# ମଦଭାଟି ଉଚ୍ଛେଦ ଦାବିରେ ଧାରଣା

କଣ୍ଟାବାଞ୍ଜି, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲ ଅଧୀନ ବେହେରେନସିଲେଟର ଅନତି ଦୂରରେ ଥିବା ଦେଶୀ ମଦଭାଟିକୁ ବନ୍ଦ କରିବା ଦାବିରେ ବୁଧବାର ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଆମ୍ବେଦକର ଯୁବକ ସଂଘ ସଭାପତି ରୋହନ ମହଙ୍କ ନେତୃତ୍ୱରେ କେତେକ ଯୁବକ ଏହି ଧାରଣାରେ ସାମିଲ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ୨୦୨୦ ଡିସେମ୍ବର ୨୪ତାରିଖରେ ଭାଟି ବନ୍ଦ ନେଇ କଣ୍ଟାବାଞ୍ଜି ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଦାବିପତ୍ର ଦେବାର ୭ଦିନ ମଧ୍ୟରେ ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେଲେ ଜାନୁୟାରୀ ୨୦ରୁ ଧାରଣା ଦେବାକୁ ଚେତାବନୀ ଦେଇଥିଲେ । ଅବଧି ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏହି ଧାରଣା ଦିଆଯାଇଛି ବୋଲି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଅପରପକ୍ଷରେ ମଦଭାଟି ଉଚ୍ଛେଦ ଓ ଏନଓସି ରଦ୍ଦ ଦାବିରେ ଜାନୁୟାରୀ ୪ ତାରିଖରେ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଏ ନେଇ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆନ୍ଦୋଳନକୁ ପୁଣି ଓହ୍ଲାଇଛୁ ବୋଲି ଯୁବକ ସଂଘ ତରଫରୁ କୁହାଯାଇଛି। ଅପରପକ୍ଷରେ ଦାବିପତ୍ର ମେଲଯୋଗେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଠାଇ ଦିଆଯାଇଛି ବୋଲି କହିଛନ୍ତି ତହସିଲଦାର ଅଶୋକ କୁମାର ମାଝୀ।

# ଚାଲାଣ ବେଳେ କାଠ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ଲୋଇସିଂହା, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲାରୁ ସମ୍ବଲପୁରକୁ କାଠ ଚୋରାଚାଲାଣ ବେଳେ ଲୋଇସିଂହା ଥାନା ସାଲେଭଟାଠାରେ ଏକ ଟ୍ରକ(ନଂ ଓଡି୧୫ ଏ ୨୫୨୯)କୁ ବନ ବିଭାଗ ଜବତ କରିଛି। କାଠ ଚାଲାଣ କରୁଥିବା ସମ୍ବଲପୁର ମୋଚିବାହାଲର ଡ୍ରାଇଭର ଲୁପୁନ ଦୀପ ଓ ପାଟଣାଗଡର ହେଲ୍‌ପର ପ୍ରମୋଦ ପୋଢଙ୍କୁ ଗିରଫ କରାଯାଇଛି। ଲୋଇସିଂହା ରେଞ୍ଜରେ ଏକ ମାମଲା(ନଂ.୧୬୦/୨୧)ରୁଜୁ ହୋଇଛି । ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ। ଜବତ କାଠର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଅଧିକ ବୋଲି ବନ ବିଭାଗ ସୂଚନା ଦେଇଛି। ମଙ୍ଗଳବାର ରାତିରେ ମୁରିବାହାଲ ଅଞ୍ଚଳରୁ ସମ୍ବଲପୁରକୁ ଉକ୍ତ ଟ୍ରକ୍‌ରେ କାଠ ଚାଲାଣ କରାଯାଉଥିଲା । ଏଥିରେ ୧୫୦ ସିଏଫ୍‌ଟି କେନ୍ଦୁକାଠ ଓ ୭୦ କୁଇଣ୍ଟାଲ ଖଇର ଗଣ୍ଡି ରହିଥିଲା । କାଠ ଚାଲାଣ ନେଇ ଡିଏଫ୍‌ଓ ସମୀର କୁମାର ଶତପଥୀଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଡିଏଫ୍‌ଓ ଶତପଥୀ ବଲାଙ୍ଗୀର ଓ ଲୋଇସିଂହା ଷ୍ଟାଫ୍‌ଙ୍କ ସହାୟତାରେ ବଲାଙ୍ଗୀରରେ ଗାଡିକୁ ଜବତ ପାଇଁ ଉଦ୍ୟମ କରିଥିଲେ । ହେଲେ ଡ୍ରାଇଭର କୌଶଳ କରି ଫେରାର ହୋଇଯାଇଥିଲେ। ବନ ଅଧିକାରୀ ଓ ଲୋଇସିଂହା ପୋଲିସ ୨୬ ନଂ ରାଜପଥରେ ସେମାନଙ୍କ ପିଛା କରି ସାଲେଭଟାଠାରେ ଗାଡିକୁ ଅଟକାଇ ଥିଲେ ।



ଜବତ ଟ୍ରକ୍ ଓ ଗିରଫ ଅଭିଯୁକ୍ତ।

## ବୌଦ୍ଧ ସଂଗ୍ରହାଳୟ ପରିଦର୍ଶନ କଲେ ମନ୍ତ୍ରୀ

ବୌଦ୍ଧ,୨୦।୧(ସ୍ୱ.ପ୍ର.)

ରାଜ୍ୟ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଙ୍ଗଳବାର ବୌଦ୍ଧ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ପୁରୁଣା କଚେରୀଠାରେ ନିକଟରେ ଉଦ୍‌ଘାଟିତ ଐତିହାସିକ ବୌଦ୍ଧ ସଂଗ୍ରହାଳୟକୁ ବୁଲି ଦେଖିଥିଲେ। ଏହି ସଂଗ୍ରହାଳୟ ଜିଲା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶହେବର୍ଷ ପୂର୍ବରୁ ରାଜାଙ୍କ ଦ୍ୱାରା ନିର୍ମିତ ପୁରାତନ କଚେରୀ କୋଠାରେ ହୋଇଥିବା ସଂଗ୍ରହାଳୟରେ ସ୍ଥାନିତ ପୁରାତନ କୀର୍ତ୍ତିରାଜି, ସାମଗ୍ରୀ ଓ ଲୋକକଳା ଆଦି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ମଲ୍ଲିକଙ୍କ ସହିତ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ଆର୍କିଟେକ ସୁମନ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ହେଲେ ଦୁର୍ଘଟଣା କମିବ

ଡୁଙ୍ଗୁରିପାଲି, ୨୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଛକରେ ବୁଧବାର ଜାତୀୟ ସଡକ ସୁରକ୍ଷା ମାସ ପାଳନ ହୋଇଯାଇଛି। ପ୍ରଥମେ ଏକ ସଚେତନତା ରାଲି ଡୁଙ୍ଗୁରିପାଲି ହାଇସ୍କୁଲ ଛକରୁ ବାହାରି ଆରଏମସି ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ଏକ ସଚେତନତା ସଭା ଜାତୀୟ ରାଜପଥ ଏମଇ ସ୍କୁଲ ପାର୍ଶ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ମୁଖ୍ୟଅତିଥିଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୁଙ୍ଗୁରିପାଲି ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସବଇନ୍ସପେକ୍ଟର ଅନୀଲ ପଧାନ, ଅଗ୍ନିସେବା ଅଧିକାରୀ ପ୍ରଭାକର ପଧାନ, ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଆଞ୍ଚଳିକ ପରିବହନ ସୁବର୍ଣ୍ଣପୁର ଡିଓ ଚିତ୍ତରଞ୍ଜନ ମିଶ୍ର, ରାଜସ୍ୱ ସୁପର ଭାଇଜର ଦେବରାଜ ବାଗ, ପ୍ରଭୁଦତ୍ତ ବେହେରା, ନିକିତା ମିଶ୍ର, କିଶନ ଅଗ୍ରୱାଲ ଯୋଗଦେଇ ଟ୍ରାଫିକ ସଚେତନତା ବିଷୟରେ ମତ ରଖିଥିଲେ। ସଭାକୁ ଆଞ୍ଚଳିକ ପରିବହନ ଟ୍ରାଫିକ ଇନ୍ସପେକ୍ଟର ଜନ ପ୍ରତାପ କୁଲୁ ପରିଚାଳନା କରିଥିଲେ। ଆଞ୍ଚଳିକ ପରିବହନ ସୁବର୍ଣ୍ଣପୁର ଅଧିକାରୀ ରବିନ ପଟ୍ଟନାୟକ ସଭାରେ ଅଧକ୍ଷତା କରି ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଓ ଗାଡି ଚାଳନା ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ସଡକ ଦୁର୍ଘଟଣା ହ୍ରାସ ପାଇଁ ମାସେବ୍ୟାପୀ ଚାଲିବାକୁ ଥିବା ସଚେତନତା ରଥ ତଥା କାର୍ଯ୍ୟକ୍ରମ ସମ୍ପର୍କରେ ପଟ୍ଟନାୟକ ସୂଚନା ଦେଇଥିଲେ।

# ପ୍ରଦୀପ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅମରପାଲି, ୨୦।୧ (ଡି.ଏନ.ଏ)

ବୀରମହାରାଜପୁର ଉପଖଣ୍ଡ ମହଦା ଖେଳ ପଡିଆରେ ୮ମ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡାବିତ କୃତ୍ତିବାସ ମିଶ୍ର ଓ ଶିକ୍ଷାବିତ୍ ପ୍ରତାପ ସାହୁ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଘମଣ୍ଡିଆପାଲି ଓ ଅଇଁଲାପାଲି ମଧ୍ୟରେ ହୋଇଥିଲା । ଅଇଁଲାପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ କରିଥିଲା । ଜବାବରେ ୯ ଓଭରରେ ୮ ଉଇକେଟ ହରାଇ ୯୧ ରନ କରି ଘମଣ୍ଡିଆପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଚାଇନିପଦରକୁ ହରାଇ ପାଇକପାଲି ଓ ତୃତୀୟ ମ୍ୟାଚରେ କୁମରକେଲିକୁ ହରାଇ ଗୁମୁରୁଡୋଲା ବିଜୟୀ ହୋଇଥିଲା ।

# ନୂତନ କୃଷି ଆଇନକୁ ବିରୋଧ କରି ଧାରଣା



ସୁବର୍ଣ୍ଣପୁରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣା ।

ସୋନପୁର,୨୦।୧(ନି.ପ୍ର.)

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧ କରି ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି। ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆନ୍ଦୋଳନରେ କିଷାନ କଂଗ୍ରେସର ରାଜ୍ୟ ସଭାପତି ଅମିୟ ପଟ୍ଟନାୟକ ଯୋଗଦେଇ ନୂତନ କୃଷି ଆଇନ ଚାଷୀଙ୍କ ସ୍ୱାର୍ଥ ପରିପନ୍ଥୀ ବୋଲି କହିଛନ୍ତି। ଏହି ୩ଟି କଳା କୃଷି ଆଇନ ପ୍ରତ୍ୟାହାର ନ ହେଲେ କିଷାନ କଂଗ୍ରେସ କମିଟି ପକ୍ଷରୁ ବ୍ଲକ ଓ ପଞ୍ଚାୟତସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ରକୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଗ୍ରହଣ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ଚିତ୍ତରଞ୍ଜନ ମିଶ୍ର, କିଷାନ କଂଗ୍ରେସ ଜିଲା ସଭାପତି ନରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ।

# ପ୍ରକଳ୍ପ ପ୍ରଭାବିତଙ୍କୁ ସମ୍ବେଦନଶୀଳ ପ୍ୟାକେଜ୍

ବଲାଙ୍ଗୀର ଅଫିସ,୨୦।୧



ସମୀକ୍ଷା ବୈଠକରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ୍ କୁମାର ତ୍ରିପାଠୀ ।

- ବିଭିନ୍ନ ଯୋଜନା ସମୀକ୍ଷା କଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ
- ଜିଲାରେ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯିବ
- ଜିଲାର ଅର୍ଥନୈତିକ ବିକାଶ ଉପରେ ଫୋକସ୍

ବଲାଙ୍ଗୀର ଜିଲା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବା ଦିଗରେ ସରକାର ସର୍ବୋଚ୍ଚସ୍ତରରେ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରାୟ ପ୍ରତିଦିନ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଉଛି। ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ପାଇଁ ଏକ ମାନବିକ ସମ୍ବେଦନଶୀଳ ପ୍ୟାକେଜ୍ ବ୍ୟବସ୍ଥା କରାଯିବ। ଯେଉଁଥିପାଇଁ ସେମାନେ ଖୁସିରେ ସେମାନଙ୍କ ଜମି ଛାଡି କରିଯିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ୍‌କୁମାର ତ୍ରିପାଠୀ ବୁଧବାର ସୂଚନା ଦେଇଛନ୍ତି।

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ତ୍ରିପାଠୀ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏଠାରେ ଜିଲାର ଅର୍ଥନୈତିକ ବିକାଶ ଉପରେ ଫୋକସ କରାଯାଇଥିଲା। ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ଏସପି ନୀତୀନ୍ କୁଶଲକର, ଡବ୍ଲ୍ୟୁଓଡିସି ସିଇଓ ସରୋଜ କୁମାର ପଟେଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଷଦ ଅଧ୍ୟକ୍ଷ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତଙ୍କ ଥଇଥାନ ପ୍ୟାକେଜ୍‌ରେ ବାସପୋଯୋଗୀ ଜମି କିମ୍ବା ଟଙ୍କା, କୃଷିଜମି କିମ୍ବା ଟଙ୍କା, ଏନୁଆଲ ମେଣ୍ଟେନାନ୍ସ ଆସିଷ୍ଟାନ୍ସ, କୋଠାଘର ସହାୟତା, ଟେମ୍ପରାରି ସିପ୍ଟି ଆଲାଉନ୍ସ, ଭୂମିହୀନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ପ୍ୟାଜେକ୍ ବ୍ୟବସ୍ଥା କରାଯାଉଛି । ପ୍ରକଳ୍ପ ପ୍ରଭାବିତଙ୍କ ସହ ଆଲୋଚନା କରିବା ସମୟରେ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ତ୍ୱରାନ୍ତ ଗତି ଦେବାକୁ ସବୁପ୍ରକାର ଉଦ୍ୟମ କରଛନ୍ତି । ଏହି ପ୍ରକଳ୍ପ ପାଇଁ ଷ୍ଟାଫ୍ ନିଯୁକ୍ତି ଦିଆଯାଉଛି । ଆଉଟସୋର୍ସିଂରେ ୬୫ଟି ଆରଆଇ, ଅମିନ୍ ଓ ଅନ୍ୟ ପଦବୀ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡ୍ୟାମ ସାଇଟ୍‌ରେ ରାସ୍ତା ଆରମ୍ଭ ହୋଇଯାଇଛି। ଏହାସହିତ ଏନ୍ଏଚ୍ ବାଇପାସ୍ ରାସ୍ତା, ପିଡବ୍ଲୁଡି ବାଇପାସ୍ ରାସ୍ତା, ମେଡିକାଲ କଲେଜ ହସ୍ପିଟାଲ କୋଠା ଶୀଘ୍ର ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ପ୍ରତି ଦୁଇବର୍ଷରେ ଯେଭଳି ଭୁବନେଶ୍ୱରରେ ଥରେ ଇନ୍‌ଭେଷ୍ଟର ମିଟ୍ ହେଉଛି ସେଭଳି ଭାବେ ପଶ୍ଚିମ ଓଡିଶାରେ ଏବଂ ବଲାଙ୍ଗୀରରେ ଇନ୍‌ଭେଷ୍ଟର ମିଟ୍ ଯୋଜନା କରାଯିବ । ଏହାଦ୍ୱାରା ଶିକ୍ଷିତ ଯୁବତୀ, ଯୁବକମାନେ ଲାଭବାନ୍ ହେବେ। ଯେଉଁମାନଙ୍କ ପାଖରେ ୫/୭ ଲକ୍ଷ ଟଙ୍କା ଅଛି ସେମାନଙ୍କୁ ସହଜରେ ଋଣ ଯୋଗାଇ ଦିଆଯିବ ବ୍ୟବସ୍ଥା କରାଯିବ ଯେଉଁଥିରେ ସେମାନେ ବିଭିନ୍ନ ଉଦ୍ୟୋଗ କରିପାରିବେ । ପଶୁପାଳନ, ମତ୍ସ୍ୟଚାଷ, ଛେଳି, କୁକୁଡା ପାଳନ, ଉଦ୍ୟାନ କୃଷି ଉପରେ ଅଧିକ ଗୁରୁତ୍ୱ ଦିଆଯିବାକୁ ଆଜିର ବୈଠକରେ ଆଲୋଚନା ହୋଇଥିଲା ବୋଲି ସେ କହିଥିଲେ । ଓଡିଶାରେ ୬୫ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି । ସେଥିରୁ ୧୫ ଲକ୍ଷ ଅଣ୍ଡା ବଲାଙ୍ଗୀରରେ ଉତ୍ପାଦନ ହେଉଛି। ପ୍ରାୟ ୨ ହଜାର ମେଟ୍ରିକ୍ ଟନ୍‌ର ଲଘୁ ବନଜାତ ଦ୍ରବ୍ୟ ହରିଡା ଓ ବାହାଡା ଉତ୍ପାଦନ କ୍ଷମତା ଏଠାରେ ରହିଛି। ଡାବର ଓ ଫାଇଟୋବେଗ୍ କମ୍ପାନୀକୁ ଏଠାକୁ ଅଣାଯାଇପାରିବ ଓ ଏଠାରେ ଡବ୍ଲ୍ୟୁଡିସି ପାଣ୍ଠିରେ ପ୍ରୋସେସିଂ ପ୍ଲାଣ୍ଟ କରାଯାଇପାରିବ ବୋଲି କହିଥିଲେ। ପାଟଣାଗଡ ଅଞ୍ଚଳରେ ମାଛଚାଷ କରାଯାଉଛି। ଗତବର୍ଷ କଳାହାଣ୍ଡି ଜିଲା ମତ୍ସ୍ୟଚାଷରେ ସମଗ୍ରଦେଶରେ ୧ ନମ୍ବର ହୋଇଥିଲା । ବଲାଙ୍ଗୀର କାହିଁକି ହେବନାହିଁ ବୋଲି ସେ କହିଥିଲେ ।

## ବାଇକ୍ ଧକ୍କାରେ ଶ୍ରମିକ ମୃତ

ସମ୍ବଲପୁର,(ବ୍ୟୁରୋ): ଯୁଯୁମୁରା ଥାନା କୟାକୁଦଠାରେ ବାଇକ୍ ଧକ୍କାରେ ଝାଡଖଣ୍ଡ ହଜାରେବାଗ ଅଞ୍ଚଳର ଶ୍ରମିକ ଯଦୁ ରବିଦାସ (୫୨)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ବାଇକ୍ ଚାଳକ କୟାକୁଦ ଗ୍ରାମର ନବୀନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାଇକ୍ (ଓଡି୨୩ ସି-୧୯୬୪)କୁ ମଧ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାତିରେ ରବିଦାସ ସଉଦା କିଣି କ୍ୟାମ୍ପକୁ ଫେରୁଥିଲେ। ସେ ସମୟରେ ନବୀନ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ବୁଧବାର ଥାନାରେ ଅଭିଯୋଗ ପରେ ବାଇକ୍ ଚାଳକଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ନିଖୋଜ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

ଦେବଗଡ଼,୨୦।୧(ଡ଼ି.ଏନ୍.ଏ.): ଦେବଗଡ ପୌରାଞ୍ଚଳର ଜଣେ ଯୁବତୀ କଲେଜକୁ ପଢିବାକୁ ଯାଇ ଗତ ଶନିବାର ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଫଳରେ ନାବାଳିକାଙ୍କ ପିତା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ନିକଟରେ ସହାୟତା ପାଇଁ ନିବେଦନ କରିଥିଲେ। ଅଭିଯୋଗ ପାଇ ମହାପାତ୍ର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଶେହେରୁଲ ବିଶ୍ୱାସ ନାମକ ଜଣେ ବଙ୍ଗାଳୀ ମିସ୍ତ୍ରୀ ଉକ୍ତ ନାବାଳିକା ଛାତ୍ରୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ନଦିଆ ଜିଲାରେ ରଖିଥିବା ଜଣାପଡିଲା। ପରେ ଏ ନେଇ ସେ ନଦିଆଁ ଜିଲାର ଚାଇଲ୍ଡଲାଇନ୍ କର୍ମକର୍ତ୍ତାଙ୍କୁ ସୂଚନା ଦେବା ସହ ଏସ୍‌ପିଙ୍କୁ ପତ୍ର ମାଧମରେ ଜଣାଇ ଦେଇଥିଲେ। ସୂଚନା ପାଇ ନଦିଆ ଜିଲାର ଚାଇଲଡ ଲାଇନ କର୍ମକର୍ତ୍ତା ନିଖୋଜ ନାବାଳିକାଙ୍କୁ ଶେହେରୁଲଙ୍କ ଘରୁ ଉଦ୍ଧାର କରିଛି। ଖୁବ୍‌ଶୀଘ୍ର ସେମାନେ ଦେବଗଡ଼ ଶିଶୁ ସୁରକ୍ଷା ବିଭାଗକୁ ନାବାଳିକାଙ୍କୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି।

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

ଲହୁଣୀପଡା,୨୦।୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ଥାନା ଅନ୍ତର୍ଗତ ମହୁଲପଦା ଓ ତଲେଇସରା ମଧରେ ବୁଧବାର ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତଲେଇସରା ପଞ୍ଚାୟତ ରେଙ୍ଗାଲି ଗ୍ରାମର ଯୋଗେନ୍ଦ୍ର ବାରିକ (୪୬)। ଯୋଗେନ୍ଦ୍ର ଅପରାହ୍ନରେ ନିଜ ବାଇକ୍ (ଓଡି ୧୪ ୟୁ- ୭୯୮୧) ଯୋଗେ ମହୁଲଡିହା ପଟୁ ରେଙ୍ଗାଲିକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ (ଓଆର ୧୪ ପି- ୪୧୬୨ ) ତାଙ୍କୁ ଧକ୍କା ହୋଇଥିଲା। ଫଳରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । ମହୁଲପଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିଲେ । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବ୍ରଦର୍ସ ଏକାଦଶ ବିଜୟୀ

ଦେବଗଡ଼,୨୦।୧ (ଡ଼ି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡା ଜୟଶ୍ରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଫୋର ୱେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଶିବଶକ୍ତି ଓ ବ୍ରଦର୍ସ ଏକାଦଶ ମଧରେ ମ୍ୟାଚ୍ ଖେଳାଯାଇଥିଲା । ଟସ୍ ଜିତି ଶିବଶକ୍ତି ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭୩ରନ୍ ସଂଗ୍ରହ କରିଥିଲା । ଜବାବରେ ବ୍ରଦର୍ସ ଏକାଦଶ ୩ ଉଇକେଟରେ ବିଜୟ ହାସଲ କରିଥିଲା । ହିତେଶ ନାୟକ ଓ ବିକାଶ ନାୟକ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜେଡ଼ି ନଗର ସଭାପତି ଶୁକଦେବ ଭଞ୍ଜ, ବିଦ୍ୟାଧର ମହାପାତ୍ର ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବ ସଭାପତି ବାପୁ ସାମଲ, ସମ୍ପାଦକ ସ୍ମୃତିରଞ୍ଜନ ନାଥ, ବିଶାଳ ପାଣୀଗ୍ରାହୀ, ସଚ୍ଚିଦାନନ୍ଦ ନନ୍ଦ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।

### ମଦ ପିଇ ଗାଡ଼ି ଚାଳନା: ଦୁଇ କୋର୍ଟ ଚାଲାଣ

କୁତ୍ରା, ୨୦।୧ (ଡି.ଏନ.ଏ.): ମଦ ପିଇ ଗାଡି ଚଳାଇବା ମହଙ୍ଗା ପଡିଲା । ଏହି ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀଙ୍କୁ କୋର୍ଟ ଯିବାକୁ ପଡିଛି । ପ୍ରକାଶ ଯେ, ସୁନ୍ଦରଗଡ ଜିଲା କୁତ୍ରା ଥାନା ଆଇଆଇସି ସୁଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ସମ୍ମୁଖରେ ପାଟ୍ରୋଲିଂ ହେଉଥିବା ବେଳେ ମଦ ପିଇ ଗାଡି ଚଳାଉଥିବା ଦୁଇ ବାଇକ ଆରୋହୀଙ୍କୁ ଧରାଯାଇଥିଲା । ଉଭୟଙ୍କ ଗାଡି ଜବତ ହୋଇଛି । କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଦ ପିଇବା ନେଇ ଟେଷ୍ଟ କରାଯିବା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । କୁତ୍ରାରେ ବୁଧବାର ଓ ରବିବାର ହାଟ ପାଳି ପଡୁଥିବାରୁ ଭିଡ ଜମିଥାଏ । ରାସ୍ତା କଡରେ ପାର୍କିଂର ସୁବିଧା ନ ଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି । ଏପରି ସ୍ଥଳେ ରାସ୍ତାର ଦୁଇ ପାର୍ଶ୍ୱରେ ମଦବେପାରୀ ଅବାଧରେ ମଦ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ମଦ ପିଇ ଗାଡି ଚାଳନା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ପୋଲିସ ନିୟମିତ ଭାବେ ହାଟ ପାଳିରେ ପାଟ୍ରୋଲିଂ କରିବାକୁ ଦାବି ହେଉଛି ।

# ସମସ୍ତ କାର୍ଯ୍ୟାଳୟରେ ଧାନ ଗଦାକରିବେ ଚାଷୀ

ଜମନକିରା, ୨୦।୧(ଡି.ଏନ.ଏ.)

ଜମନକିରା ବ୍ଲକ୍ ଅଧୀନରେ ଥିବା ୧୭ ମଣ୍ଡିରେ ପ୍ରାୟ ୫୬ ହଜାର କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ଆସନ୍ତା ୨୫ତାରିଖ ସୁଦ୍ଧା ପଦକ୍ଷେପ ନିଆ ନ ଗଲେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଧାନ ଗଦାକରି ଆନ୍ଦୋଳନ କରାଯିବ। ବୁଧବାର ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଚାଷୀମାନଙ୍କ ପକ୍ଷରୁ ଶ୍ରୀଲକ୍ଷ୍ମୀ କୃଷକ ସଂଗଠନ ସଭାପତି ଚୁଡ଼ାମଣି ପଟେଲ ଏହା କହିଛନ୍ତି।

ଚାଷୀଙ୍କ କହିବା କଥା ମାସାଧିକ କାଳ ମଣ୍ଡିରେ ପଡିରହୁଥିବାରୁ ଧାନ ଓଜନ କମିବାରେ ଲାଗିଛି। ପୁଣି ଯେଉଁ ଚାଷୀଙ୍କ ଧାନ ବିକ୍ରି ହୋଇ ସାରିଛି ସେମାନଙ୍କ ଆକାଉଣ୍ଟକୁ ଠିକ୍ ସମୟରେ ଟଙ୍କା ଆସୁନାହିଁ। ଚାଷୀ ସମସ୍ୟା ନେଇ ଗତ ୭ ତାରିଖରେ ଭାଜପା ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଯୋଗାଣ ଅଧିକାରୀ ଆସି ଆନ୍ଦୋଳନରତ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ।


ବୈଠକରେ ଯୋଗଦେଇଥିବା ଚାଷୀମାନେ।

### ମଣ୍ଡିରେ ପଡ଼ିରହିଛି ଧାନ

ଯେଉଁମାନଙ୍କ ଅବଧି ସରିଯାଇଥିବ ସେହି ଚାଷୀଙ୍କୁ ପୁନର୍ବାର ଟୋକନ୍ ଦେବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତା' ସତ୍ତ୍ୱେ ଧାନ ଉଠି ନ ଥିଲା। ଏପରିସ୍ଥଳେ ଗତ ୧୪ ତାରିଖରେ ପ୍ରଶାସନ ପକ୍ଷରୁ ଦିଲୀପ କୁମାର ନାୟକ, ସୁରେଶନାଥ ହାଁସଦା ଓ ପୂର୍ବାଶା ଭୋଇ ପ୍ରମୁଖ ବିଭିନ୍ନ ମଣ୍ଡି ପରିଦର୍ଶନ କରି ୧୭ ଜାନୁୟାରୀ ମଧ୍ୟରେ ଧାନ ଉଠିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା କାର୍ଯ୍ୟକାରୀ ନ ହେବାରୁ ଚାଷୀମାନେ ଧାନଗଦାକରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା କହିଛନ୍ତି। ବୈଠକରେ ସଭାପତି ପଟେଲଙ୍କ ସମେତ ନବୀନ ପଟେଲ, ସୁମନ୍ତ ମହାକୁଳ, ଗୁରୁଚରଣ ପଟେଲ, ବୀରେନ୍ଦ୍ର ଚୌଧୁରୀ, ଅର୍ଜୁନ ମୋହନ ପଧାନ, ସୁଶୀଲ କୁମାର ପାଣ୍ଡେ, ଦେବେନ୍ଦ୍ର ନାଏକ, ହରେଶ କୁମାର ସେନାପତି, ଯୋଗେନ୍ଦ୍ର କୁମାର କିଷାନ, ରାଜକିଶୋର କିଷାନ, ଉମାଶଙ୍କର କିଷାନ, କ୍ଷମାନିଧି ମହାକୁଳ ପ୍ରମୁଖ ଯୋଗଦେଇଥିଲେ।

# ଆଜି ସମ୍ବଲପୁର ଆର୍‌ଡିସି ଅଫିସ ଘେରିବ ଭାଜପା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ମଣ୍ଡିରେ ଚାଲିଥିବା ଅବ୍ୟବସ୍ଥାକୁ ନେଇ ଭାଜପା ପ୍ରଶ୍ନ ଉଠାଇବା ସହିତ ଗୁରୁବାର ସମ୍ବଲପୁର ଆର୍‌ଡିସି ଅଫିସ ଘେରାଉ କରିବ ବୋଲି ସୂଚନା ଦେଇଛି। ମଣ୍ଡିରେ ଭିତ୍ତିଭୂମିର ବ୍ୟବସ୍ଥା କରିବା, ଚଟାଣ, ପାନୀୟ ଜଳ, ପାଲ, ମାପ ଓଜନ, ବିଜୁଳି ଆଦି ସୁବିଧା ପହଞ୍ଚାଇବା, କେନ୍ଦ୍ର ସରକାର ଦେଉଥିବା ଧାନ ଅଖା, ସୁତୁଲି, ଶ୍ରମିକ ଖର୍ଚ୍ଚ, ଯାତାୟାତ ଖର୍ଚ୍ଚକୁ ଚାଷୀଙ୍କ ପାଖରେ ପହଞ୍ଚାଇବା ଦାବି ଦଳ ପକ୍ଷରୁ ଉଠାଯିବ। ଏହିସବୁ ଦାବି ନେଇ ଆର୍‌ଡିସି କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଅନ୍ୟପଟେ ବିଜେଡି ଏହାର ପଲଟା ଜବାବ୍ ରଖି କହିଛି, କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଦେଖାଦେଇଥିବା ଆନ୍ଦୋଳନ ଉପରୁ ନଜର ହଟାଇବାକୁ ଭାଜପା ହୀନ ରାଜନୀତି ଆରମ୍ଭ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଧାନ ଧରି ରାଜରାସ୍ତାରେ ବସିଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ

### କୃଷି ଆଇନ ବିରୋଧ ଉପରୁ ନଜର ହଟାଇବାକୁ ପ୍ରୟାସ: ବିଜେଡି

ରାଜ୍ୟ ଭାଜପା ୬ଟି ସ୍ଥାନରେ ବିଶାଳ କୃଷକ ସମାବେଶ ଆୟୋଜନ ଏବଂ ରାଜ୍ୟବ୍ୟାପୀ ମଣ୍ଡି ଚାଲ ଅଭିଯାନ କାର୍ଯ୍ୟକ୍ରମ କରିଥିଲା। ଗୁରୁବାର ସମ୍ବଲପୁର ଆର୍‌ଡିସି ଅଫିସଠାରେ ପଶ୍ଚିମ ଓଡ଼ିଶାର ୫ଟି ସଂସଦୀୟ କ୍ଷେତ୍ର ଯଥା ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଏହି ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୩୫ଟି ନିର୍ବାଚନମଣ୍ଡଳୀ ଓ ବୌଦ୍ଧ ଜିଲାର ୨ଟି ନିର୍ବାଚନ ମଣ୍ଡଳୀର ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବେ। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, କେନ୍ଦ୍ରର କୃଷି ଆଇନକୁ ହେଉଥିବା ଦେଶବ୍ୟାପି ବିରୋଧରୁ ନଜର ହଟାଇବା ପାଇଁ ଭାଜପା ବର୍ତ୍ତମାନ ଧାନ ସଂଗ୍ରହର ଆଳ ଦେଖାଇ ଆରଡିସି ଅଫିସ୍ ଘେରିବାକୁ ଉଦ୍ୟମ ଚଳାଇଛି। ଭାଜପାର ଏହା ଏକ ରାଜନୈତିକ ଷଡଯନ୍ତ୍ର। କେନ୍ଦ୍ର କୃଷି ଆଇନ୍‌କୁ ନେଇ ଏବେ ସାରା ଦେଶରେ ବିରୋଧ ବଢ଼ିବାରେ ଲାଗିଛି ବୋଲି ପ୍ରତାପ କହିଛନ୍ତି।

# ଦେଢ଼ମାସ ପରେ ୨ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୦।୧(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ନିକଟ ଏକ ପୋଖରୀ ହୁଡାରୁ କ୍ଷେତିପଡାର ମହମ୍ମଦ ଅଫ୍‌ତାର (୪୫)ଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଦେଢମାସ ପରେ ପୋଲିସ ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ପ୍ରମାଣ ଓ ସୁରାକ ନ ଥିବାରୁ ପୋଲିସ ପାଇଁ ଏହା ଏକ ଚ୍ୟାଲେଞ୍ଜ ଥିଲା। ବିଭିନ୍ନ ଦିଗରୁ ତଦନ୍ତ ପରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଦିକ୍ଷିତପାଲିର ଅଜୟ ମୁଣ୍ଡା ( ୨୫) ଓ ରାକେଶ ଖମାରୀ (୩୦)। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏସ୍‌ପି ଅଫିସ ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବାତୁଲା ଗଙ୍ଗାଧର ଏହି ସୂଚନା ଦେଇଛନ୍ତି।

ଘଟଣା ଦିନ ଡିସେମ୍ବର ୫ ତାରିଖରେ ଉଭୟ ଅଭିଯୁକ୍ତ ଗେଙ୍ଗୁଟିପାଲରୁ ଘରକୁ ଫେରୁଥିଲେ। ସେ ସମୟରେ ମହମ୍ମଦ ଅଫ୍‌ତାର ମଧ ଘରକୁ ଫେରୁଥିଲେ। ନିଛାଟିଆ ରାସ୍ତାରେ ଅଭିଯୁକ୍ତମାନେ ଅଫ୍‌ତାରଙ୍କୁ ନିଶା ସେବନ ପାଇଁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ମାର୍‌ପିଟ କରି ତାଙ୍କ ପ୍ୟାଣ୍ଟ ପକେଟରେ ଥିବା ୯୦ ଟଙ୍କା ଲୁଟି ନେଇଥିଲେ। ଅଫ୍‌ତାର ପାଟି କରିବାକୁ


ଗିରଫ ଦୁଇ ଅଭିଯୁକ୍ତ ।

### ପୋଖରୀ ହୁଡ଼ାରୁ ମୃତଦେହ ଜବତ ଘଟଣା

ଏକ ଇଟାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ପୋଖରୀ ହୁଡାରେ ଫିଙ୍ଗିଦେଇ ଚାଲିଯାଇଥିଲେ। ଘଟଣାସ୍ଥଳରେ ଅଫ୍‌ତାରଙ୍କ ମୃତ୍ୟୁ ଘଟିଥିଲା। ଡିସେମ୍ବର ୬ ତାରିଖରେ ସ୍ଥାନୀୟ ଲୋକେ ମୃତଦେହ ପଡିଥିବା ନେଇ ପୋଲିସକୁ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଧନୁପାଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ପୋଖରୀ ନିକଟରେ ପଡିଥିବା ରକ୍ତଛିଟା ଓ ଅନ୍ୟ ନମୁନା ସଂଗ୍ରହ ହୋଇଥିଲା। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଧନୁପାଲି ଥାନାରେ ହତ୍ୟା ମାମଲା (ନଂ.୪୯୨/୨୦) ରୁଜୁ ହୋଇଥିଲା।

## ଶାଳୀକୁ ବଳାତ୍କାର କରି ଭିଣୋଇ ଗିରଫ

ରାଉରକେଲା ଅଫିସ,୨୦।୧

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ତାଙ୍କ ଭିଣୋଇ ବଳାତ୍କାର କରିଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଟିଡେରା ଗ୍ରାମର ଜଗନ୍ନାଥ ପାତ୍ର(୩୦)। ପୋଲିସ ସୂଚନା ଅନୁସାରେ, ଜଗନ୍ନାଥ ସପରିବାର ମାଟିଡେରା ଗ୍ରାମରେ ବାସ କରନ୍ତି। ଗତ ୧୫ ତାରିଖରେ ତାଙ୍କ ଶାଳୀ ଭଉଣୀ ଘରକୁ ବୁଲି ଆସିଥିଲେ। ସନ୍ଧ୍ୟା ସାଢ଼େ ୫ଟା ସମୟରେ ଜଗନ୍ନାଥ ତାଙ୍କୁ ବୁଲେଇ ନେବା ବାହାନାରେ ନିକଟରେ ଥିବା ଏକ ଜଙ୍ଗଲକୁ ନେଇ ବଳାତ୍କାର କରି ଫେରାର ହୋଇ ଯାଇଥିଲେ। ଏ ନେଇ ଯୁବତୀ ଜଣକ ଗତ ୧୬ ତାରିଖରେ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଜଗନ୍ନାଥଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଛି ।

# ଷ୍ଟିଲ୍‌ସିଟିରେ ସେକ୍ସ ର୍‍ୟାକେଟ: ୨ ଗିରଫ


ଦେହ ବ୍ୟବସାୟ ବେଳେ ଧରାପଡିଥିବା ଅଭିଯୁକ୍ତ ।

ରାଉରକେଲା ଅଫିସ,୨୦।୧

ଷ୍ଟିଲ୍ ସିଟି ରାଉରକେଲାରେ ଦିନ ଦ୍ୱିପ୍ରହରରେ ଚାଲିଛି ଦେହ ବ୍ୟବସାୟ। ଏଭଳି ଅଭିଯୋଗ ହେବା ପରେ ସେକ୍ଟର-୧୫ ନଂ ଥାନା ପୋଲିସ ବୁଧବାର ଚଢାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଏଲ ନଗର ବାସିନ୍ଦା ମାନସ ରଞ୍ଜନ ମହାନ୍ତି (୩୩) ଏବଂ ଜଣେ ରାଣୀ ମହୁମାଛି। ସେହିପରି ଚଢାଉ ବେଳେ ଦୁଇଜଣ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଛି।

ପୋଲିସ ସୂଚନା ଅନୁସାରେ, ସେକ୍ଟର-୧୭ସି/୪୦ରେ ଉକ୍ତ ରାଣୀ ମହୁମାଛି ବାସ କରନ୍ତି। ଗତ

### ଦୁଇ ଦେହଜୀବୀ ଉଦ୍ଧାର

କିଛିଦିନ ତଳେ ଉକ୍ତ ମହିଳା ଏବଂ ମାନସ କଲିକତାରୁ ଯୁବତୀ ମାନଙ୍କୁ ଆଣି ରାଉରକେଲା ସହରରେ ଦେହ ବ୍ୟବସାୟରେ ଲଗାଉଥିଲେ। ଏହି ଝିଅମାନଙ୍କୁ ବିଭିନ୍ନ ସମୟରେ ସହରରେ ଥିବା ବଡ଼ ବଡ଼ ହୋଟେଲକୁ ଚଢ଼ା ଦାମ୍‌ରେ ମଧ୍ୟ ଯୋଗାଉଥିଲେ। ପୋଲିସ ଖବର ପାଇ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସେକ୍ଟର ୧୩ ନଂ. ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ସମୟରେ ସେକ୍ଟର ୧୩ ନଂ.-ଏ ବ୍ଲକର ଦୁଇଟି ଭଙ୍ଗାଘରେ (ନଂ. ଏ/୧୯୧ ଓ ୧୯୨) ଦେହଜୀବୀ ମାନେ ଥିବା ଦେଖିବାକୁ ମିଳିଥିଲା।

# କମ୍ପାନୀ କାର୍ଯ୍ୟକଳାପର ତଦନ୍ତ ହେଉ

ସମ୍ବଲପୁର,୨୦।୧ (ବ୍ୟୁରୋ)

ସମ୍ବଲପୁରର ବୁର୍ଲା ଭିମସାର ମେନ୍ ପାୱାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ପ୍ରକ୍ରିୟାରେ କେତେକ ବିବାଦୀୟ ସଂସ୍ଥା ସାମିଲ ହେବାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ଏହି ମର୍ମରେ ବୁଧବାର ଭିମସାର ଅଧକ୍ଷା, ନିର୍ଦ୍ଦେଶକ ଓ ଡିନ୍‌ଙ୍କୁ ଚିଠି ଲେଖିଛନ୍ତି। ସେ ଦର୍ଶାଇଛନ୍ତି,

### କର୍ତ୍ତୃପକ୍ଷଙ୍କୁ ବିଜେଡି ଜିଲା ସଭାପତିଙ୍କ ଚିଠି

ଟେଣ୍ଡର ପ୍ରକ୍ରିୟାରେ ଏଲ୍‌ଆଣ୍ଡକେ, ଏକ୍‌ଜିକ୍ୟୁଟିଭ ସିକ୍ୟୁରିଟି କମ୍ପାନୀ, ଭାରତ ସିକ୍ୟୁରିଟି ସର୍ଭିସ କମ୍ପାନୀ, ସୁନ୍ଦର ବାରିକ କମ୍ପାନୀ ସାମିଲ ହୋଇଛନ୍ତି। ଏହି କମ୍ପାନୀ ପୂର୍ବରୁ ବିବାଦରେ ରହିଆସିଛନ୍ତି। ଶ୍ରମିକମାନଙ୍କ ଦରମା, ନିଯୁକ୍ତି ସମୟରେ ଲାଞ୍ଚ ନେବା, ବିରୋଧ କଲେ ଚାକିରିରୁ ଛଟେଇ କରିବା, ପିଏଫ୍ ଓ ଅନ୍ୟ ସୁବିଧା ନ ଦେବା ଭଳି ଅନେକ ଅଭିଯୋଗ ରହିଛି। କର୍ମଚାରୀମାନେ ଏହାକୁ ନେଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେଣୁ ବିବାଦୀୟ ସମସ୍ତ କମ୍ପାନୀର ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯାଉ। ପଶ୍ଚିମ ଓଡିଶା ଅଦିବାସୀ ଉନ୍ନୟନ କେନ୍ଦ୍ର ପକ୍ଷରୁ ମଧ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ଅଛି, ଟେଣ୍ଡରରେ ସାମିଲ ହୋଇଥିବା କମ୍ପାନୀ ମାସ ମାସ ଧରି କର୍ମଚାରୀଙ୍କ ଦରମା ନ ଦେଇ ବିବାଦରେ ରହିଛନ୍ତି। ସେମାନଙ୍କ ବିରୋଧରେ ରୋଗୀ ସମ୍ପର୍କୀୟ, ରୋଗୀମାନଙ୍କୁ ଦୁର୍ବ୍ୟବହାର, ମାରପିଟ କରିବା ଭଳି ଅଭିଯୋଗ ରହିଛି। ଏଭଳି ସଂସ୍ଥାକୁ ଦାୟିତ୍ୱ ଦିଆଗଲେ ଭିମସାରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଥିବାରୁ ସେମାନଙ୍କୁ ବାଦ୍ ଦିଆଯାଉ।

# କର୍ମଚାରୀ ସଂଘର ଧର୍ମଘଟ ଚେତାବନୀ

ସମ୍ବଲପୁର,୨୦।୧(ବ୍ୟୁରୋ)

କେନ୍ଦ୍ର ସରକାର ଏବେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ଘରୋଇକରଣ କରିବାକୁ ମସୁଧା ଚଳାଇଛନ୍ତି। ଯଦି ଏଭଳି ନିଷ୍ପତ୍ତି ନିଆଯାଏ ତେବେ ଅଖିଳ ଭାରତୀୟ ବୀମା କର୍ମଚାରୀ ସଂଘ ଧର୍ମଘଟକୁ ଓହ୍ଲାଇବ। ଏଠାରେ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବ ଆଞ୍ଚଳିକ ବୀମା କର୍ମଚାରୀ ସଂଗଠନ ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ଏଲ୍‌ଆଇସି ଲୋକମାନଙ୍କ ବିଶ୍ୱାସକୁ ନେଇ ବ୍ୟବସାୟ କରିଆସିଛି। ଘରୋଇକରଣ କରାଗଲେ ସେମାନଙ୍କ ବିଶ୍ୱାସ ହରାଇବାକୁ ପଡିବ। ପୂର୍ବରୁ ଦେଶରେ ୨ ଶହରୁ ଅଧିକ ଘରୋଇ ବୀମା କମ୍ପାନୀ ବ୍ୟବସାୟ କରି ଆସୁଥିଲେ। କେତେକ କମ୍ପାନୀ ଦେବାଳିଆ ଘୋଷଣା ହୋଇଥିବା ବେଳେ

### ଏଲ୍‌ଆଇସିକୁ ଘରୋଇକରଣ ମସୁଧା

ଅନେକ କମ୍ପାନୀ ବଜାରରୁ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ହେଲେ ଏଲ୍‌ଆଇସି ଲୋକମାନଙ୍କ ବିଶ୍ୱାସ ଜିତିପାରିଛି। ଦେଶରେ ପ୍ରାୟ ୪୨ କୋଟିରୁ ଊର୍ଦ୍ଧ୍ୱ ଗ୍ରାହକ ରହିଛନ୍ତି। ପ୍ରଥମେ ୫ କୋଟିର ବ୍ୟବସାୟ କରି ଆଜି ୩୨ ଲକ୍ଷ କୋଟିର ନିଜସ୍ୱ ସମ୍ପତ୍ତି ରହିଛି। ଏପରିସ୍ଥଳେ କେନ୍ଦ୍ର ସରକାର ବିଭିନ୍ନ ଆଳ କରି ଏହାକୁ ଘରୋଇକରଣ କରିବାକୁ ଯୋଜନା କରୁଛନ୍ତି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଆଗକୁ ଲଢେଇ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧରେ ମୀନରଞ୍ଜନ ବିଶି, ସଭାପତି ରାଜୀବ ଲୋଚନ ଦାସ, ଉପସଭାପତି ମହେଶ୍ୱର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ ଅବରୋଧକଲେ ଚାଷୀ

ସୁନ୍ଦରଗଡ /ବାଲିଶଙ୍କରା, ୨୦।୧(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅଞ୍ଚଳରେ ଚାଷୀଙ୍କୁ ଟୋକନ ପ୍ରଦାନରେ ଅବ୍ୟବସ୍ଥା ଲାଗି ରହିଛି। ଏହାର ପ୍ରତିବାଦରେ ବୁଧବାର ଚାଷୀଙ୍କ ପକ୍ଷରୁ ବାଲିଶଙ୍କରା ଲ୍ୟାମ୍ପସ୍ ସମ୍ମୁଖ ଭାଟିପଡା ଛକ ୨୪ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଚାଷୀମାନେ ଧାନବସ୍ତା ଓ ଟ୍ରାକ୍ଟର ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ଏହି ପଥରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ପକ୍ଷରୁ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହେବାର ଦୀର୍ଘଦିନ ପରେ ମଧ୍ୟ ବଡ ଚାଷୀ ଯାହାଙ୍କର ୧୦ଏକରରୁ ଅଧିକ ଚାଷଜମି ରହିଛି ସେମାନଙ୍କର ଏଯାଏ ଟୋକନ ଆସିନାହିଁ। ଫଳରେ ଚାଷୀ ବସ୍ତାରେ ରଖିଥିବା ଧାନ ଖରାପ ହେବାକୁ ବସିଲାଣି। ଏଭଳି ସ୍ଥିତିରେ ଅଧିକ ଦିନ ଧାନ ଏମିତି ରହିଲେ ଏହାର ମାନ ଖରାପ ଦର୍ଶାଇ ମଣ୍ଡିରୁ ଧାନ ଫେରାଇ ଦିଆଯିବାର ଆଶଙ୍କା ରହିଛି। ଏଥିସହ ମାର୍ଚ୍ଚ ୩୦ପରେ ଧାନ କିଣା ବନ୍ଦ ହୋଇଗଲେ ଗତବର୍ଷ ଭଳି ଏବର୍ଷ ମଧ୍ୟ ଧାନ ରହିଗଲେ ବାଧ୍ୟ


ବାଲିଶଙ୍କରା ଲ୍ୟାମ୍ପସ୍ ସମ୍ମୁଖରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

### ଟୋକନ୍ ଅବ୍ୟବସ୍ଥାର ପ୍ରତିବାଦ

ହୋଇ ଚାଷୀ ଅଭାବୀ ବିକ୍ରିର ଶିକାର ହେବାର ଆଶଙ୍କା ରହିଛି। ବାରମ୍ବାର ଲ୍ୟାମ୍ପସ୍ ଓ ଜିଲାପାଳଙ୍କଠାରେ ଅଭିଯୋଗ କରିବା ସତ୍ତ୍ୱେ ଏହି ସମସ୍ୟାର ସମାଧାନ ନ ହେବାରୁ ଶେଷରେ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ। ସକାଳ ୮ଟାରୁ ଏହି ରାଜପଥ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଞ୍ଜୀକୃତ ହୋଇଥିବା ୧୦ଏକରରୁ ଊର୍ଦ୍ଧ୍ୱ ଜମି ଥିବା ଚାଷୀଙ୍କୁ ଯଥାଶୀଘ୍ର ଟୋକନ ପ୍ରଦାନ, ମିଲର୍ସଙ୍କ ଶୋଷଣ ବନ୍ଦ କରାଯିବା ଓ କୋଭିଡ-୧୯ ସମୟରେ ରହି ଯାଇଥିବା ପୁରୁଣା ଧାନକୁ ବିକ୍ରୟ ସୁବିଧା ଓ କୁଇଣ୍ଟାଲ ପ୍ରତି ୧୨କେଜି ଧାନ ନ କଟାଯିବା ପାଇଁ ଚାଷୀମାନେ ଦାବି କରିଥିଲେ। ଚାଷୀଙ୍କ ଏହି ଦାବିକୁ ଯଥାର୍ଥ ଦର୍ଶାଇ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝୀ, ମହମ୍ମଦ ହାରୁନ୍ ରସିଦ୍, ରବିଚନ୍ଦ୍ର ପଟେଲ, ମହେନ୍ଦ୍ର ପଟେଲ, ବିଶ୍ୱରଞ୍ଜନ ପଟେଲ, ମହମ୍ମଦ ନସୀମ୍ ବକ୍ସ, ଦିଲୀପ ସାଏ, ବିକ୍ରମାଦିତ୍ୟ ପଟେଲ, ଦିପ୍ତୀ ରଞ୍ଜନ ପଟେଲ, ବୈରାଗୀ ତନ୍ତୀ, ନୀଳାମ୍ବର ଶେଖର ଦେଓ, ପ୍ରବୀଣ ଶେଖର ଦେଓ, ଦିବ୍ୟଶଙ୍କର ସା, କିଶୋର ନାଏକ, ବନମାଳୀ ବାରସତିଆଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସନ୍ଧ୍ୟା ୭ଟା ବେଳେ ଜିଲା ଯୋଗାଣ ଅଧିକାରୀ ଭିକାରୀ ଚରଣ ମଙ୍ଗରାଜ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସମସ୍ତ ଚାଷୀଙ୍କୁ ଧାନବିକ୍ରୟ ସକାଶେ ଟୋକନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ଜାନୁୟାରୀ, ୨୦୨୧



## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଖଡିଆଳ, (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ଡୁଆଝର ଗ୍ରାମ ନିକଟରେ ମଙ୍ଗଳବାର ବାଇକ ଦୁର୍ଘଟଣାରେ ବୋଡେନ ବ୍ଲକ ଡମଝର ଗ୍ରାମର ସତ୍ୟ ବେହେରା (୩୦)ଙ୍କ ମୃତ୍ୟୁ ଘଟିଛି । ସତ୍ୟ ବାଇକ୍ ଯୋଗେ ସିନାପାଲିରୁ ଖଡିଆଳକୁ ଆସୁଥିବା ବେଳେ ଡୁଆଝର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୨୧) ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସଂକ୍ଷେପରେ

## ୨ ବିଧାୟକ ମୁଖ୍ୟ ଶାସନ ସଚିବଙ୍କୁ ଦେଲେ ଦାବିପତ୍ର

### ଲୋୟର ଇନ୍ଦ୍ର ବିସ୍ଥାପିତଙ୍କ ସମସ୍ୟା

**ଖଡିଆଳ, ୨୦।୧ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳସ୍ଥିତ ଲୋୟର ଇନ୍ଦ୍ର ପ୍ରକଳ୍ପ ବିସ୍ଥାପିତ ସହାୟତା ସମିତି ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କୁ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିସ୍ଥାପିତଙ୍କ ଅନୁକମ୍ପା ସହାୟତା ରାଶି ଓ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ସଚିବ ବିସ୍ଥାପିତଙ୍କ ଦାବିକୁ ଅତିଶୀଘ୍ର ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଦାବିପତ୍ର ପ୍ରଦାନ ବେଳେ ବିଧାୟକଙ୍କ ସମେତ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପୀନାଥ ଗଡଡ, ହୃଷୀକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଷୀଙ୍କ ରାସ୍ତାରୋକୋ

**ଝାରବନ୍ଧ, ୨୦।୧ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଲଉଡିଦର୍ହା ପ୍ୟାକ୍ସରେ ଦୀର୍ଘଦିନ ହେବ ଧାନ ବିକ୍ରି ନ ହେବା, ଟୋକନ ଲାପ୍ସ ହେବା, ବିକ୍ରି ଧାନର ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ଚାଷୀମାନେ ଲଉଡିଦର୍ହା ଛକରେ ବୁଧବାର ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା । ଲଉଡିଦର୍ହା ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଖବର ପାଇ ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଝାରବନ୍ଧ ତହସିଲଦାର ସୀମା ସବିତା କୁଲୁ, ବିଡିଓ ରୁନୁ ଲାକ୍ରା, ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଲ, ଥାନାଧିକାରୀ ଲିଲିମା ଲଳିତା ବାର୍ଲା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲା ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନାଯୋଗ୍ୟ, ଏହି ପ୍ୟାକ୍ସରେ ୭୯୬ ଜଣ ଚାଷୀଙ୍କ ୮୩୫୪୨ ବସ୍ତା ଧାନ ଗଦା ହୋଇଛି । ତନ୍ମଧ୍ୟରୁ ୧୨୬ ଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି ।

## ମାଛ ଯାଆଁଳ, ପ୍ରୋଟିନ୍ ଯୁକ୍ତ ଭାସମାନ ମାଛ ଖାଦ୍ୟ ବଣ୍ଟନ

**ଭବାନୀପାଟଣା, ୨୦।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଆତ୍ମା ଯୋଜନାରେ ଭବାନୀପାଟଣା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଦ୍ୱାରା ମତ୍ସ୍ୟ ଚାଷୀମାନଙ୍କୁ ମାଛ ଯାଆଁଳ ଓ ପ୍ରୋଟିନ୍ ଯୁକ୍ତ ଭାସମାନ ମାଛ ଖାଦ୍ୟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା କୃଷି ସୂଚନା ଓ ପରାମର୍ଶ କମିଟି ଅଧକ୍ଷ ସଚୀଦାନନ୍ଦ ମହାଖୁଡ, ଡେପୁଟି ଡାଇରେକ୍ଟର ଫିସୋରୀ ସୁରେନ୍ଦ୍ରନାଥ ପାତ୍ର, ଏଏଫ୍ଓ ପ୍ରଶାନ୍ତି ନାୟକ, ଆତ୍ମାର ସଂଯୋଜୀକା ମନସ୍ୱିନୀ ମହାପାତ୍ର, କୃଷି ସୂଚନା ଓ ପରାମର୍ଶ କମିଟି ସଦସ୍ୟ ସୁରେଶ ଚନ୍ଦ୍ର ପ୍ରଧାନ, ଶାନ୍ତନୁ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ମତ୍ସ୍ୟ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ସୂଚନା ଓ ପରାମର୍ଶ କମିଟି ଭବାନୀପାଟଣା ଜରିଆରେ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମାଛ ଜାଆଁଳା ଓ ପ୍ରୋଟିନ୍ ଯୁକ୍ତ ଭାସମାନ ମାଛଖାଦ୍ୟ ବଣ୍ଟନ କରାଯାଇଥିଲା।

## ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**କର୍ଲାମୁଣ୍ଡା, ୨୦।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଯମୁନାପୁର ଗାଁର ଦେର୍ବାଛନ ସାହୁଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେବା ଦାବି ନେଇ କର୍ଲାମୁଣ୍ଡା ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏମ୍ପି ପ୍ରତିନିଧି ରାଜେନ୍ଦ୍ର ମିଶ୍ର, ଶୁଭ୍ରାଂଶୁ ଶେଖର ସାହୁ, ଜୟନ୍ତୀ ସାହୁ, ବିଘ୍ନରାଜ ସାହୁ, ରାଜ କୁମାର ଭୋଇ, ଦଶରଥ ସାହୁ ପ୍ରମୁଖ ଶିଶୁ ମନ୍ଦିରଠାରୁ ଶୋଭାଯାତ୍ରାରେ ଆସି ବିଡିଓଙ୍କୁ ସାକ୍ଷାତ କରି ଦେର୍ବାଛନଙ୍କୁ ଘର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉକି ଦେର୍ବାଛନ ଘର ପାଇଁ ଯୋଗ୍ୟ ତାଲିକାରେ ନାମ ରହିଥିଲେ ହେଁ ତାଙ୍କୁ ଘର ମିଳୁ ନାହିଁ । ଏ ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ନ ଥିବା ଭାଜପା କର୍ମୀମାନେ ଅଭିଯୋଗ କରିଥିଲେ।

# ପାଣିକୁ ନେଇ ଟଣାଓଟରା

- ଧାରଣାରେ ଉପରମୁଣ୍ଡ ଚାଷୀ
- ଆନ୍ଦୋଳନରେ ତଳମୁଣ୍ଡ ଚାଷୀ
- ହରଡଘଣାରେ ଜିଲା ପ୍ରଶାସନ

**ତରବୋଡ/ନୂଆପଡା ଅଫିସ, ୨୦।୧ (ଡି.ଏନ.ଏ.)**

ନୂଆପଡ଼ା ସଦର ବ୍ଲକ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମରେ ରବି ଚାଷ ପାଇଁ ପାଣି ଆବଣ୍ଟନକୁ ନେଇ ଉପରମୁଣ୍ଡ ଚାଷୀ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଉପରମୁଣ୍ଡ ଚାଷୀଙ୍କୁ ଜଳ ସେଚନ ସୁବିଧା ଯୋଗାଇ ଦେବା ଦାବିରେ ଧାରଣାରେ ବସିଥିବା ବେଳେ ତଳମୁଣ୍ଡ ଚାଷୀ ପାଣି ପାଇଁ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ହରଡଘଣାରେ ପଡ଼ିଛି। ପ୍ରକାଶ ଯେ, ଗତ ୨୦୧୩ରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ରବି ଫସଲକୁ ନେଇ ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଶେଷରେ ଗୋଟିଏବର୍ଷ ଉପରମୁଣ୍ଡ ଏବଂ ଅନ୍ୟବର୍ଷ ତଳମୁଣ୍ଡ ଚାଷୀଙ୍କୁ ପାଣି ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। ଏଭଳି ଜଳ ବିବାଦ ଗତ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଗତ ଡିସେମ୍ବର ୨୫ରେ ପ୍ରକଳ୍ପରୁ ରବି ଚାଷ ପାଇଁ ପାଣି ଛାଡିବାକୁ ସ୍ଥିର ହୋଇଥିଲା। ଉଭୟପକ୍ଷ ଚାଷୀଙ୍କ ଟଣାଓଟରାରେ ମଧ୍ୟରେ ଗତ ୨୬ ଦିନ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପରୁ ପାଣି ଛଡା ଯାଇ ନ ଥିଲା। ଏହାର ପ୍ରତିବାଦରେ ଗତ ୧୫ ତାରିଖରେ ତଳମୁଣ୍ଡ ଚାଷୀ ଉଡାଜାଜହାଜ ପଡିଆ ଗୋଡମାଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୮ ତାରିଖ ସୁଦ୍ଧା ତଳମୁଣ୍ଡ ଚାଷୀଙ୍କୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବ୍ୟତିକ୍ରମ ଦେଖାଦେଇଥିବାରୁ ତଳମୁଣ୍ଡ ଚାଷୀ ଅସନ୍ତୋଷ ପ୍ରକାଶ କରି ପୁଣି ଥରେ ବୁଧବାର ସଦର ବ୍ଲକ ସିଲଧାଠାରେ ସକାଳ ୮ଟାଠାରୁ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଓ ଜଳ ସେଚନ ବିଭାଗ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରୁ ଅପରଜୋଙ୍କ ଜଳସେଚନ ପ୍ରକଳ୍ପରୁ ପାଣି ଛାଡିଛନ୍ତି। ଆନ୍ଦୋଳନକାରୀ ତଳମୁଣ୍ଡ ଚାଷୀ ସିଲଧା କେନାଲ ପର୍ଯ୍ୟନ୍ତ ପାଣି ନ ପହଞ୍ଚିବା ଯାଏ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ଅଡି ବସିଛନ୍ତି। ଅନ୍ୟପକ୍ଷରେ ଉପରମୁଣ୍ଡ ଚାଷୀ ପାଣି ଛଡା ହେଲା କାହିଁକି ଆନ୍ଦୋଳନ କରୁଛୁ ବୋଲି କହିଛନ୍ତି । ସେପଟେ ପ୍ରକଳ୍ପରେ ଚାଷ ଜମି ବୁଡି ଯାଇଥିବାରୁ ପ୍ରଥମ ପାଣି ପାଇବା ଆମର ଅଧିକାର ବୋଲି ପତୋରାଠାରେ କେନାଲ ହିଡରେ ୫ ଦଫା ଦାବିରେ ଆଜକୁ ୩ ଦିନ ହେଲା ଉପରମୁଣ୍ଡ ଚାଷୀ ଧାରଣାରେ ବସିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଓ ଧାରଣା ଜାରି ରହିଛି ।



ଆନ୍ଦୋଳନରତ ଚାଷୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ପୋଲିସ ପଡ଼ିଆରେ ପାଳନ ହେବ ସାଧାରଣତନ୍ତ୍ର ଦିବସ

**ସୋନପୁର,୨୦।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ ଗାଇଡ ଲାଇନ୍ ଅନୁସାରେ ଚଳିତବର୍ଷ ଏହି ଉତ୍ସବ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରାତଃ ସାଢେ ୪ଟା ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପ୍ରଚାର, ସକାଳ ୭ଟାରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଢେ ୭ଟାରେ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ମୁଖ୍ୟଅତିଥିଙ୍କ ଦ୍ୱାରା ସକାଳ ସାଢେ ୮ଟା ସମୟରେ ଚଳିତ ଥର ପୋଲିସ ପ୍ୟାରେଡ୍ ପଡିଆଠାରେ ଜିଲାସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସରକାରଙ୍କ କୋଭିଡ ନିୟମ ଅନୁସାରେ କୌଣସି ଛାତ୍ରୀଛାତ୍ର କିମ୍ବା ଅନୁଷ୍ଠାନ ଦ୍ୱାରା ପ୍ୟାରେଡ ପରିବେଷଣ କରାଯିବ ନାହିଁ। କେବଳ ପୋଲିସ ଦଳ ଦ୍ୱାରା ପ୍ୟାରେଡ୍ କାର୍ଯ୍ୟକ୍ରମ ହେବ। ସର୍ବସାଧାରଣଙ୍କୁ ଏହି ପ୍ୟାରେଡ ଉତ୍ସବ ସ୍ଥଳକୁ ଆସିବା ପାଇଁ ବାରଣ କରାଯାଇଛି। କେବଳ କୋଭିଡ୍ ଯୋଦ୍ଧା ଏବଂ ସହରର କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉତ୍ସବ ସ୍ଥଳକୁ ନିମନ୍ତ୍ରଣ କରାଯିବ। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଓଡିଆ ଓ ଇଂରାଜୀ ଭାଷାରେ ଦୁଇଟି ସ୍ତରରେ ଅନ୍‌ଲାଇନ ମାଧ୍ୟମରେ ଏକ ରଚନା ପ୍ରତିଯୋଗିତା ଆୟୋଜନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଡିଏସ୍‌ପି ଅନନ୍ଦ ବର୍ଦ୍ଧନ ଗୁରୁ, ମ୍ୟୁନିସିପାଲଟି ଇଓ ସୂର୍ଯ୍ୟାଂଶୁ ରୁଟ୍, ରିଜର୍ଭ ଇନ୍ସପେକ୍ଟର ଅମରେନ୍ଦ୍ର ମହାପାତ୍ର, ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର ବୈଠକରେ ଉପସ୍ଥିତ ଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



କର୍ମୀ ସମ୍ମିଳନୀରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

**ଜୁନାଗଡ, ୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ରାଜପୁର ପଞ୍ଚାୟତ ପ୍ରସିଦ୍ଧ ସାପଗଣ୍ଡା ଶୈବପୀଠରେ ବୁଧବାର ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ କର୍ମୀମାନଙ୍କୁ ତୃଣମୂଳସ୍ତରରେ ସଙ୍ଗଠନକୁ ସକ୍ରିୟ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଉଦ୍ଯୋଗ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ମନ୍ତ୍ରୀ ମିଶ୍ର କର୍ମୀଙ୍କୁ କଥା ଛଳରେ ଉପଦେଶ ଦେଇଥିଲେ। ଜିଲା ଉପସଭାପତି ଦିଗାମ୍ବର ନାଏକ, ଜିଲା କୃଷକ ସେଲ ସଭାପତି ହେମନ୍ତ ପ୍ରଧାନ, ସରପଞ୍ଚ ସଂଘ ଜିଲା ସଭାପତି ଶିବ ପ୍ରସାଦ ଭୋଇ, ମାଟିଗାଁ ସରପଞ୍ଚ ଦୁର୍ଯୋଧନ ମାଝି, ଦାସିଗାଁ ଜୋନ୍ ପ୍ରଭାରୀ ଘନଶ୍ୟାମ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମହିଚଲା ସରପଞ୍ଚ ଅଜୟ ବେହେରା, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବରଗର୍ତ୍ତୀ ଓ ଯୁବ ନେତା ହିମାଂଶୁ ପୂଝାରୀ ପରିଚାଳନା କରିଥିଲେ। ଏଥିରେ ଭାଜପା ଓ କଂଗ୍ରେସର ୧୦୦ଜଣ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ସ୍ଥାନୀୟ ଭାଜପା ଜୋନ୍ ସଭାପତି ରାଧେଶ୍ୟାମ ନାଗ, ମୁଣ୍ଡରାଗୁଡା ପ୍ୟାକ୍ସ ପୂର୍ବତନ ସଭାପତି ତାରପ୍ରସାଦ ରାୟଗୁରୁ, ଦାସିଗାଁ ପୂର୍ବତନ ସରପଞ୍ଚ ପ୍ରେମଲାଲ ପାନ, ବୁଡିଦରର ସନାତନ ପଟ୍ଟଯୋଷୀ, ପୂର୍ବତନ ସମିତିସଭ୍ୟ ଅଫିସର ଗୁରୁ, ଲେଲି ନାଗ ଓ ଜୁନାଗଡ ସହରର ଗଙ୍ଗାରାମ କୈବର୍ତ୍ତ ପ୍ରମୁଖ ବରିଷ୍ଠ ନେତା ରହିଛନ୍ତି।

## ଋଣ ଆଦାୟ ମେଳା: ୨,୮୫,୩୮୨ ଟଙ୍କା ଆଦାୟ

**କେସିଙ୍ଗା, ୨୦।୧ (ଡି.ଏନ.ଏ.)**

ଓଡିଶା ଜୀବିକା ମିଶନ କେସିଙ୍ଗା ଓ ପାଷ୍ଟିକୁଡି ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଅନାଦେୟ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି । ପାଷ୍ଟିକୁଡି ଶାଖା କାର୍ଯ୍ୟାଳୟଠାରେ ଆୟୋଜିତ ଋଣ ଆଦାୟ ମେଳାରେ ୯୦ଟି ଋଣ ଖିଲାପି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିମନ୍ତ୍ରଣ କରାଯାଇଥିବା ବେଳେ ୪୧ଟି ଗୋଷ୍ଠୀ ଉପସ୍ଥିତ ଥିଲେ। ବଳକା ଋଣ ସଦୃଶ ୨,୮୫,୩୮୨ ଟଙ୍କା ଆଦାୟ କରାଯାଥିଲା। ମେଳାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ କ୍ଷେତ୍ର କାର୍ଯ୍ୟାଳୟର ଅସିମ ପାତ୍ର, ଏଏଫ୍‌ସିର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର, ଓଡିଶା ଜୀବିକା ମିଶନ ଆର୍ଥିକ ପରାମର୍ଶଦାତା ସତ୍ୟନାରାୟଣ ମିଶ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପାଷ୍ଟିକୁଡି ଶାଖା ପରିଚାଳକ ଉଜାଗର ପ୍ରଧାନ ତଥା ଓଡିଶା ଜୀବିକା ମିଶନ କେସିଙ୍ଗାର ବିପିଏମ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଛତୁ ଚାଷ ପ୍ରଶିକ୍ଷଣ ଶିବିର

**ବୌଦ୍ଧ,୨୦।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଏବଂ ଉନ୍ନୟନ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଯୋଗେନ୍ଦ୍ର ନାଥ ମହାପାତ୍ର, ସମ୍ମାନିତ ଅତିଥି ଉଦ୍ୟାନ ଉପନିର୍ଦ୍ଦେଶକ ଏନଏଚଆରଡିଏଫ ଡ. ରଜନୀଶ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦିପ୍ତୀରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କଲେ ରାଜେଶ

### ହିମାଳୟର ଦୟାରାବୁଗ୍ୟାଲ ଆରୋହଣ

**କର୍ଲାମୁଣ୍ଡା, ୨୦।୧ (ଡି.ଏନ.ଏ.)**

ଓଡିଶାର ପ୍ରତିଭା ଅନ୍ୱେଷଣ ସଂସ୍ଥା କଳିଙ୍ଗ ଡେୟାର ଡେଭିଲସ୍ ପକ୍ଷରୁ ହିମାଳୟର ଦୟାରା ବୁଗ୍ୟାଲ ପର୍ବତ ଆରୋହଣ ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୩ ଜଣିଆ ଟିମ୍ ସାମିଲ ହୋଇଛନ୍ତି। ଏହି ଟିମ୍ ଭୁବନେଶ୍ୱରରୁ ୨୦ ତାରିଖରୁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତ ସାନଡୁଙ୍ଗୁରୀଗୁଡା ଗ୍ରାମର ବିଜେ ରାଜେଶ ଭୋଇ ସାମିଲ ହୋଇଛନ୍ତି। ୨୦ରୁ ବିଶ୍ୱମ୍ବର ଭୋଇ ଓ ଯାଜ୍ଞସେନୀ ଭୋଇଙ୍କ ପୁଅ ରାଜେଶ ଏକମାତ୍ର ଯୁବକ ଭାବେ କର୍ଲାମୁଣ୍ଡା ବ୍ଲକରୁ ସ୍ଥାନ ପାଇଛନ୍ତି। କଳିଙ୍ଗ ଡେୟାର ଡେଭିଲସ୍ କ୍ଲବ ସଭାପତି ଡା ସତ୍ୟପୀର ପଧାନଙ୍କ ନେତୃତ୍ୱରେ ୨୩ ଜଣିଆ ଟିମ୍ ଉତ୍ତରକଶ୍ମୀର ଏହି ଦୟାର ବୁଗ୍ୟାଲ ପର୍ବତ (ସମୁଦ୍ରପତ୍ତନଠାରୁ ୧୩ ହଜାର ଫୁଟ)କୁ ଚଢିବେ। ୨୨ ତାରିଖଠାରୁ ପର୍ବତାରୋହଣ କରି ୨୮ରେ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ବିଜେ ରାଜେଶ ପ୍ରକାଶ କରିଛନ୍ତି। ରାଜେଶଙ୍କ ପ୍ରଥମ ପର୍ବତାରୋହଣ ଅଭିଯାନ ସଫଳ ହେଉ ବୋଲି ଶୁଭେଚ୍ଛୁମାନେ ଆର୍ଶୀବାଦ କରିଛନ୍ତି ।



# ଫୁଟବଲ ଟୁର୍ନାମେଣ୍ଟ : କୁଦେଇପାଲିକୁ ଟାଇଟଲ



ଫାଇନାଲ ଖେଳରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥିମାନେ।

**ଦେଓଗାଁ, ୨୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରାରେ ଚାଲିଥିବା ୨୦ତମ ଭାଲୁବୁଡ଼ା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କୁଦେଇପାଲି ଓ ସମରା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କୁଦେଇପାଲି ଦଳ ୩-୨ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବୀରେନ୍ଦ୍ର ସୁନାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଶଶୀଭୂଷଣ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

# ଧାନ ନ ଉଠିବାରୁ ରାସ୍ତା ଅବରୋଧ

**ତରବୋଡ/ନୂଆପଡା ଅଫିସ, ୨୦।୧ (ଡି.ଏନ.ଏ.)**

ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ଧାନ ମଣ୍ଡିରୁ ଧାନ ଉଠାଯାଉ ନ ଥିବାରୁ ବୁଧବାର ଧାନ ବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି ଚାଷୀ। ଜିଲା ସାରା ସମସ୍ତ ମଣ୍ଡିରେ ଚାଷୀ ଅସୁବିଧାର ସମ୍ମୁଖିନ ହେବା ସହିତ ଶୋଷଣର ଶିକାର ହେଉଛନ୍ତି । କଟନୀ ଛଟନୀ ଲାଗି ରହିଛି। ଏହା ସାଙ୍ଗକୁ ମଣ୍ଡିରେ ଧାନ ପକାଇ ମାସ ମାସ ଧରି ଜଗି ରହିବା, ଠିକ ସମୟ ଟୋକନ ନ ଦେବା, ଟୋକନ ପାଇ ମଧ୍ୟ ଚାଷୀଙ୍କ ଧାନ ନିର୍ଦ୍ଧାରିତ ତାରିଖରେ ନ ଉଠାଇବା କିମ୍ବା ମିଲର୍ସଙ୍କ ପ୍ୟାକ୍ସ କର୍ମଚାରୀ ମଣ୍ଡିକୁ ଯାଉ ନ ଥିବାରୁ ଉତ୍ତ୍ୟକ୍ତ ହୋଇ ଚାଷୀ ବୁଧବାର ସାରାବଙ୍ଗଠାରେ ନୂଆପଡା ଧରବନ୍ଧା ରାସ୍ତାକୁ ଧାନ ବସ୍ତା ରଖି ଅବରୋଧ କରିଥିଲେ। ଖବର ପାଇ ନୂଆପଡା ଅତିରିକ୍ତ ତହସିଲଦାର ଲୋଚନ ଶବର, ଏଆରସିଏସ ଭିକାରୀ ସେଠ ଧାରଣାସ୍ଥଳକୁ ଯାଇ ମଣ୍ଡିରୁ ସମସ୍ତଙ୍କ ଧନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମଣ୍ଡିରେ ୧୪୦୦୦ କୁଇଣ୍ଟାଲ ଧାନ ବସ୍ତା ପଡିରହିଛି ।

# ଜନଶୁଣାଣି କଲେ ବିଡିଓ

**କୋକସରା, ୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡ଼ାଗୁଡା ପଞ୍ଚାୟତରେ ମଙ୍ଗଳବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ମନୀଷା ଦାସ, ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧାରୁଆ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନାରାୟଣ ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ଏପିଓ ମୋନାଲିସା ସାମଲ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଯଶବନ୍ତି ଭୋଇ, କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ଗୁଡୁ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କ ଆବେଦନ ଗ୍ରହଣ କରିଛନ୍ତି। ପଞ୍ଚାୟତରେ ଜନ ଶୁଣାଣି ଶିବର ହୋଇଥିବାରୁ ହିତାଧିକାରୀ ବ୍ଲକ ପ୍ରଶାସନ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ଏହା ଦ୍ୱାରା ଯେଉଁ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଯିବାକୁ ଅକ୍ଷମ ଥିଲେ ସେମାନଙ୍କ ଦୁଆରରେ ପ୍ରଶାସନ ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ଲୋକ ଉପକୃତ ହୋଇ ପାରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।



କୋକସରା ବିଡିଓ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ୨ ସପ୍ତାହ ହେଲା ଉଠୁନି ଧାନ

### ମାଟିଗାଁ ମଣ୍ଡି

- ଶୀତ କାକରରେ ଚାଷୀ
- ବେଫିକର ପ୍ରଶାସନ, ରାଜନେତା

**ଜୁନାଗଡ, ୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ଅନେକ ମଣ୍ଡିରେ ଟାର୍ଗେଟ ଶେଷ ହୋଇଥିବା ଆଳ ଦେଖାଇ ଧାନ ଉଠାଯାଉନାହିଁ। ଫଳରେ ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି କରିପାରୁନାହାନ୍ତି। ଏପରିସ୍ଥଳେ ଚାଷୀ ବାଧହୋଇ ଧାନ ବିକ୍ରି ଆଶାରେ ହାଡଭଙ୍ଗା ଶୀତକାକରରେ ମଣ୍ଡିରେ ପଡିରହୁଛନ୍ତି। ଏଥିପ୍ରତି ପ୍ରଶାସନ, ରାଜନେତା ବେଫିକର ରହିଥିବାରୁ ସ୍ଥାନୀୟ ଚାଷୀମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇଗାଁ ପ୍ୟାକ୍ସ ଅନ୍ତର୍ଗତ ମାଟିଗାଁ ମଣ୍ଡିରେ ଗତ ୨ ସପ୍ତାହ ହେଲା ଚାଷୀମାନେ ଟୋକନ ପାଇଁ ମଧ୍ୟ ଧାନ ବିକ୍ରି କରିପାରୁନାହାନ୍ତି। ଟାର୍ଗେଟ ଶେଷ ହୋଇଥିବା ଆଳ ଦେଖାଇ ସ୍ଥାନୀୟ ପ୍ୟାକ୍ସ କର୍ତ୍ତୃପକ୍ଷ ଧାନ ଉଠାଣ କରୁନାହାନ୍ତି।

ସୂଚନାରୁ ପ୍ରକାଶ ଯେ, ଜୁନାଗଡ ବ୍ଲକ ମାଟିଗାଁ ମଣ୍ଡିରେ ଗତ ୫ ତାରିଖରୁ ୫୧ଜଣ ଚାଷୀଙ୍କୁ ୪୧୦୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଦିଆଯାଇଥିଲା। ଚାଷୀମାନେ ଧାନ ବିକ୍ରି ଆଶାରେ ମଣ୍ଡିରେ ଆଣି ଧାନ ରଖିଥିଲେ। ଇତିମଧ୍ୟରେ ୨ ସପ୍ତାହରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ସେମାନେ ଧାନ ବିକ୍ରି କରିପାରିନାହାନ୍ତି। ଟାର୍ଗେଟ ଆଳ ଦେଖାଇ ମିଲର୍ସ ଧାନ ଉଠାଣ କରୁ ନ ଥିବା ପ୍ୟାକ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏପଟେ ଚିହ୍ନାଲୋକ ତଥା ଟଙ୍କା ଦେଲେ ମିଲର୍ସ ଏଜେଣ୍ଟ, ପ୍ୟାକ୍ସ କର୍ତ୍ତୃପକ୍ଷ ଧାନ ଉଠାଣ କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମଣ୍ଡିରେ ୮୦୨ ଚାଷୀଙ୍କ ୪୮ହଜାର ୧୭୪ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଜଣାପଡିଛି। ସେହିପରି ମଣ୍ଡିରେ ପଡିଥିବା ୪୧୦୦ କୁଇଣ୍ଟାଲ ଧାନ ବ୍ୟତିତ ପ୍ରାୟ ୧୫୦ଜଣ ଚାଷୀଙ୍କ ୧୨ହଜାର ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ଖଳାରେ, ଘରେ ପଡିରହିଛି। ଏହି ମଣ୍ଡିରେ ମାଟିଗାଁ ସମେତ କୋଲିଗାଁ, ବୁଡିପଦର, କନ୍ଧ ସର୍ଗିଗୁଡା, ଭତ୍ରାଗୁଡା, ଡାବଝରଣ, ଦୁଡୁଙ୍ଗଗୁଡା ଓ ଖିନବାହାଲ ଗ୍ରାମର ପ୍ରାୟ ୧୫ଶହ ଚାଷୀ ନିର୍ଭର କରିଥାନ୍ତି। ଗତ କିଛି ଦିନ ହେବ ରବିଚାଷ ପାଇଁ କେନାଲରେ ପାଣି ଆସୁଥିବାବେଳେ ଚାଷୀମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରିପାରିନାହାନ୍ତି। ଫଳରେ ମଣ୍ଡିରେ ଥିବା ଧାନ କେବେ ବିକ୍ରି କରିବୁ, ରବି ଚାଷ ପାଇଁ ବିହନ, ସାର କେବେ କିଣି ଚାଷ କରିବୁ ବୋଲି ସ୍ଥାନୀୟ ଚାଷୀ ଗୋପୀନାଥ ପୂଝାରୀ, ବୈଦନାଥ ଦାସ, ନରନ୍ତକ ନାଏକ, ମଧୁସୁଧନ ନାଏକ ପ୍ରକାଶ କରିଛନ୍ତି। ସେହିପରି ଏହି କିଛି ଦିନ ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଲେ ରବି ଚାଷ ନ କରି ଜମିକୁ ପଡିଆ ଛାଡିଦେବୁ ବୋଲି ଚାଷୀ କ୍ଷୋଭରେ କହିଛନ୍ତି। ଏ ନେଇ ମାଟିଗାଁ ଧାନ କ୍ରୟ ଅଧିକାରୀ ଚନ୍ଦ୍ରଧ୍ୱଜ ବେହେରାଙ୍କୁ ପଚାରିବାରୁ ଟାର୍ଗେଟ ନ ଥିବାରୁ ଧାନ ଅଭାବୀ ବିକ୍ରି ସମସ୍ୟା ଦେଖାଦେଇଛି। ଟାର୍ଗେଟ ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ।



ମାଟିଗାଁ ମଣ୍ଡିରେ ଧାନ ବିକ୍ରି କରି ନ ପାରି ରହିଥିବା ଚାଷୀ ।